# ଓଡ଼ିଆ (ପତ୍ର—II)

( ସାହିତ୍ୟ )

ସମୟ : ତିନିଘଣ୍ଟା

ପୂର୍ଣ୍ଣ ସଂଖ୍ୟା : 250

## ପ୍ରଶ୍ନପତ୍ରଭିତ୍ତିକ ନିର୍ଦ୍ଦେଶ

**ଉତ୍ତର ପ୍ରଦାନ କରିବା ପୂର୍ବରୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଯତ୍ନପୂର୍ବକ ପାଠ କରିବା ଅନିବାର୍ଯ୍ୟ**

ଏଥିରେ ଦୁଇଟି ଭାଗରେ ବିଭକ୍ତ ସମୁଦାୟ **ଆଠୋଟି** ପ୍ରଶ୍ନ ପ୍ରଦତ୍ତ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ **ପାଞ୍ଚୋଟି** ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରଥମ **(1)** ଓ ପଞ୍ଚମ **(5)** ପ୍ରଶ୍ନ ବାଧ୍ୟତାମୂଳକ। ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୂନ **ଗୋଟିଏ** କରି ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ।

ପ୍ରତ୍ୟେକ ପ୍ରଶ୍ନ / ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ।

ସମସ୍ତ ପ୍ରଶ୍ନର ଉତ୍ତର **ଓଡ଼ିଆରେ** (ଓଡ଼ିଆ ଲିପି) ଲେଖିବାକୁ ହେବ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପଭାବେ ପ୍ରଦାନ କରିବା ବିଧେୟ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ବିଧେୟ। ସ୍ପଷ୍ଟରୂପେ କଟାଯାଇ ନ ଥିଲେ, ଆଂଶିକଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ। ଉତ୍ତରପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କଟାଯିବା ବିଧେୟ।

# ODIA (PAPER—II)

( LITERATURE )

Time Allowed : Three Hours

Maximum Marks : 250

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions**

There are EIGHT questions divided in two Sections.

Candidate has to attempt FIVE questions in all.

Question Nos. **1** and **5** are compulsory and out of the remaining, THREE are to be attempted choosing at least ONE from each Section.

The number of marks carried by a question/part is indicated against it.

Answers must be written in ODIA (Odia script).

Word limit in questions, wherever specified, should be adhered to.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Answer Book must be clearly struck off.

## SECTION—A

**1.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ। ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

(a) ସାରଳା ମହାଭାରତର 'ଶାନ୍ତିପର୍ବ' ଅବଲମ୍ବନରେ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକର ଚିତ୍ର ପ୍ରଦାନ କର।

(b) ଭାଗବତରେ ଥିବା ଅବଧୂତଙ୍କ ଚବିଶଗୁରୁଙ୍କର ନାମୋଲ୍ଲେଖ କରି ବ୍ରାହ୍ମଣ କନ୍ୟା ପ୍ରସଂଗଟିର ତାତ୍ପର୍ଯ୍ୟ ବୁଝାଇ ଦିଅ।

(c) 'ଲାବଣ୍ୟବତୀ'ର ପ୍ରଥମ ଛାନ୍ଦର ଗୁରୁତ୍ୱ ପ୍ରତିପାଦନ କର।

(d) ପ୍ରକୃତିର ଅନୁପମ ଚିତ୍ର ପ୍ରଦାନରେ ରାଧାନାଥଙ୍କ କୃତିତ୍ୱ 'ଚନ୍ଦ୍ରଭାଗା' କାବ୍ୟ ଅବଲମ୍ବନରେ ଆଲୋଚନା କର।

(e) ନୂତନ କବିତାର ଭୂମିକା ପ୍ରସ୍ତୁତି ଦିଗରେ 'କବିତା-୧୯୬୨'ର ଗୁରୁତ୍ୱ ଦର୍ଶାଅ।

**2.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

(a) ଜଣେ ପ୍ରଜାପାଳକ ନୀତିନିଷ୍ଠ ରାଜାର ଆଦର୍ଶ ସଂପର୍କରେ ଭୀଷ୍ମ 'ଶାନ୍ତିପର୍ବ'ରେ ଯେଉଁ ଉପଦେଶ ଦେଇଛନ୍ତି, ତାହା ଆଲୋଚନା କର। 20

(b) 'ରସକଲ୍ଲୋଳ'ର ପଠିତାଂଶ ଅବଲମ୍ବନରେ ଦୀନକୃଷ୍ଣଙ୍କର କବିତ୍ୱର ବିମଳ ପରିଚୟ ଦିଅ। 15

(c) ପ୍ରାଚ୍ୟ ଓ ପାଶ୍ଚାତ୍ୟ କାବ୍ୟାଦର୍ଶର ଅପୂର୍ବ ସମନ୍ୱୟ ହେଉଛି ରାଧାନାଥଙ୍କ 'ଚନ୍ଦ୍ରଭାଗା' କାବ୍ୟ—ଆଲୋଚନା କର। 15

**3.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

(a) 'ଯଦୁ ଅବଧୂତ ସଂବାଦ'ରୁ ଅବଧୂତଙ୍କର ଚାରିତ୍ରିକ ମହତ୍ତ୍ୱ ପ୍ରତିପାଦନ କର। 20

(b) 'ଲାବଣ୍ୟବତୀ'ର ପଠିତାଂଶ ଭିତ୍ତିରେ ଭଂଜୀୟ କାବ୍ୟାଦର୍ଶର ପରିଚୟ ଦିଅ। 15

(c) ଶକ୍ତିଶାଳୀ ଚିତ୍ରକଳ୍ପଗୁଡ଼ିକର ସଂଯୋଜନା 'ସପ୍ତମ ଋତୁ'ର କାବ୍ୟଭାବନାକୁ ବଳିଷ୍ଠ କରିଛି। ଏହାର ଯଥାର୍ଥତା ପ୍ରତିପାଦନ କର। 15

**4.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

(a) 'କବିତା-୧୯୬୨'ରେ ସ୍ଥାନିତ କବିତା ଗୁଡ଼ିକରେ ଆଧୁନିକ କାଳର ଜଟିଳ ଜୀବନବୋଧର ସଂଧାନ ଯେପରି ରୂପାୟିତ, ତାହା ବିଶ୍ଳେଷଣ କର। 20

(b) 'ଜୀବନଚିନ୍ତା'ର ଦାର୍ଶନିକ ଆଭିମୁଖ୍ୟ ବିଚାର କର। 15

(c) ଲଳିତ ପଦାବଳୀର ଅପୂର୍ବ ଆଲେଖ୍ୟ 'ରସକଲ୍ଲୋଳ' କାବ୍ୟ। ପଠିତାଂଶ ଭିତ୍ତିରେ ଆଲୋଚନା କର। 15

## SECTION—B

**5.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ। ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

*(a)* ଚଂପା ଚରିତ୍ରର ବିଭୀଷିକାମୟ ଦିଗ 'ଛମାଣ ଆଠଗୁଣ୍ଠ' ଅବଲମ୍ବନରେ ପ୍ରକାଶ କର।

*(b)* ଦାନାପାଣିର ଯୁଦ୍ଧରେ ଅବତୀର୍ଣ୍ଣ ଚାକିରିଜୀବୀର ମାନସିକତା 'ଦାନାପାଣି' ଉପନ୍ୟାସରେ ଯେପରି ରୂପପାଇଛି ତାହା ଦର୍ଶାଅ।

*(c)* ଲୋକ ଉପାଦାନର ବଳିଷ୍ଠ ସଂଯୋଗ 'କାଠଘୋଡା' ନାଟକର ମଂଚକଳା ଓ ବକ୍ତବ୍ୟକୁ ଶାଣିତ କରିଛି। ଆଲୋଚନା କର।

*(d)* ପ୍ରତୀକଧର୍ମୀ ଗଳ୍ପ ଭାବରେ 'ମରାଳର ମୃତ୍ୟୁ'ର ମୂଲ୍ୟାଙ୍କନ କର।

*(e)* 'ତରଂଗ ଓ ତଡିତ୍'ରେ ଥିବା ପ୍ରଥମ ପାଞ୍ଚୋଟି ପ୍ରବନ୍ଧ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରବନ୍ଧ ଅବଲମ୍ବନରେ ଚିତ୍ତରଂଜନଙ୍କ ପ୍ରବନ୍ଧ ଶୈଳୀର ପରିଚୟ ଦିଅ।

**6.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* 'ତଟ ନିରଂଜନା' ନାଟକରୁ ଇଚ୍ଛାମତୀ ଚରିତ୍ରର ସ୍ୱରୂପ ପ୍ରତିପାଦନ କର। 20

*(b)* ମାନବବାଦୀ ଚେତନାର ଜଣେ ସାର୍ଥକ ରୂପକାର ହେଉଛନ୍ତି ମନୋଜ ଦାସ, ସ୍ରଷ୍ଟାଙ୍କର 'ଲକ୍ଷ୍ମୀର ଅଭିସାର' ଅବଲମ୍ବନରେ ଏହା ଆଲୋଚନା କର। 15

*(c)* ଜଟିଳ ଓ ସୂକ୍ଷ୍ମ ମନସ୍ତତ୍ତ୍ୱର ରୂପାୟନ ଦୃଷ୍ଟିରୁ ସୁରେନ୍ଦ୍ରଙ୍କର ଗଳ୍ପକଳାର ଚାତୁରୀ 'ମରାଳର ମୃତ୍ୟୁ'ରେ ସ୍ଥାନିତ ଗଳ୍ପଗୁଡ଼ିକରୁ ଦର୍ଶାଅ। 15

**7.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* 'ଛମାଣ ଆଠଗୁଣ୍ଠ' ଉପନ୍ୟାସ ଅବଲମ୍ବନରେ ସମକାଳୀନ ସମାଜର ସ୍ୱରୂପ ପ୍ରତିପାଦନ କର। 20

*(b)* ପ୍ରଚଳିତ ନାଟ୍ୟଧାରାରେ ମନୋରଞ୍ଜନ ଦାସଙ୍କ 'କାଠଘୋଡ଼ା' ଏକ ବ୍ୟତିକ୍ରମ। ଆଲୋଚନା କର। 15

*(c)* 'ମୁଁ ସତ୍ୟଧର୍ମା କହୁଛି'ର ପଠିତାଂଶ ଅବଲମ୍ବନରେ ପ୍ରାବନ୍ଧିକଙ୍କ ଦାର୍ଶନିକ ବିଚାରଧାରା ଓ ମାନବବାଦୀ ଆଭିମୁଖ୍ୟର ପରିଚୟ ଦିଅ। 15

**8.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ସରୋଜିନୀର ମନସ୍ତତ୍ତ୍ୱ ଚିତ୍ରଣରେ ଔପନ୍ୟାସିକଙ୍କର ଦକ୍ଷତା ବିଚାର କର। 20

*(b)* ମନୋଜ ଦାସଙ୍କ ଗଳ୍ପକଳାର ବୈଶିଷ୍ଟ୍ୟ 'ଲକ୍ଷ୍ମୀର ଅଭିସାର' ଗଳ୍ପଗ୍ରନ୍ଥରୁ ଆଲୋଚନା କର। 15

*(c)* 'ତରଂଗ ଓ ତଡିତ୍'ର ପଠିତାଂଶ ଅବଲମ୍ବନରେ ପ୍ରାବନ୍ଧିକ ଚିତ୍ତରଂଜନ ଦାସଙ୍କ ଗଭୀର ଜୀବନ ଦୃଷ୍ଟିର ପରିଚୟ ଦିଅ। 15

★ ★ ★